## Mid Season drought (ଥୋଡ ବାହାରିବା ସମୟରେ)

ଏଭଳି ମରୁଡି ଅବସ୍ଥା ଥୋଡ ବାହାରିବା କିମ୍ବା ଧାନ ଫୁଲ ଉଡାଇବା ସମୟରେ ହୋଇଥାଏ । ଏହା ସବୁଠାରୁ ବେଶି କ୍ଷତିକାରକ । ଏଥିରେ ଧାନ କେଣ୍ଡା ସମ୍ପୂର୍ଣ୍ଣ ଅଗାଡି ହୋଇଯିବାର ସମ୍ଭାବନା ଥାଏ । ଏଭଳି ପରିସ୍ଥିତ ଉପୁଜିଲେ -



- ଜମିର ହୁଡାକୁ ମଜବୁତ କରି ବର୍ଷାପାଣିକୁ ଧରି ରଖନ୍ତୁ ଯଦ୍ଦ୍ୱାରା ମାଟି ତଳୁ ପାଣି ନିଗିଡି ଅନ୍ୟ କିଆରୀକୁ ଯିବ ନାହିଁ ।
- ବର୍ଷାଜଳ ସଂଗ୍ରହ ହେଉଥିବା ଛୋଟ ପୋଖରୀରୁ ଫସଲ ରକ୍ଷାକାରୀ ଅତ୍ୟାବଶ୍ୟକୀୟ ଜଳସେଚନ କରନ୍ତୁ ।
- ସାର ପ୍ରୟୋଗ କରିବାକୁ ଥିଲେ ପତ୍ରସିଞ୍ଚନ କରନ୍ତୁ ।
- କେଣ୍ଡାରେ ଗନ୍ଧିପୋକ ଲାଗିଲେ ସକାଳେ କିମ୍ବା ସନ୍ଧ୍ୟାରେ ଉପରବର୍ଣ୍ଣିତ ଉପାୟରେ ଔଷଧ ପ୍ରୟୋଗ କରନ୍ତୁ ।
- ଧାନକେଣ୍ଡା ଶତକଡା ୮୫ ଭାଗ ହଳଦିଆ ହୋଇ ପାଚିଗଲେ କାଟି ଆଣନ୍ତୁ ।
- ଯଦି ଧାନ ଫସଲ ସଂପୂର୍ଣ୍ଣ ନଷ୍ଟ ହୋଇଯାଏ, ତେବେ ବିଳମ୍ବ ମୌସୁମୀ ବର୍ଷା ହେଲାପରେ ଡାଲିଜାତୀୟ ଫସଲ ଯଥା : ମୁଗ, ବିରି, କୋଳଥ, ରାଶି ଇତ୍ୟାଦି ଲଗାନ୍ତୁ ।

## Terminal drought (ଧାନ ପାଚିବା ସମୟରେ)

ଏପରି ମରୁଡି ଅବସ୍ଥା ସାଧାରଣତଃ ଫସଲର ଶେଷଭାଗ ଆଡକୁ ଆସିଥାଏ ।

- ସୁବିଧାଥିଲେ ଫସଲ ରକ୍ଷାକାରୀ ଅତ୍ୟାବଶ୍ୟକୀୟ ଜଳସେଚନ କରନ୍ତୁ ।
- ଧାନକେଣ୍ଡା ଶତକଡ଼ା ୮୫ ଭାଗ ହଳଦିଆ ହୋଇ ପାଚିଥିଲେ କାଟି ଆଣନ୍ତୁ ।
- ଯଦି ମୁଖ୍ୟ ଫସଲ ସଂପୂର୍ଣ୍ଣ କିମ୍ବା ଅଧାଅଧି ନଷ୍ଟ ହୋଇଗଲା, ତା'ହେଲେ ଜମିକୁ ଆଉଥରେ ଚାଷ କରି ରବି ଫସଲ ବିରି, ମୁଗ, ରାଶି,ସୂର୍ଯ୍ୟମୁଖୀ ଇତ୍ୟାଦି ପାଇଁ ଜମି ପ୍ରସ୍ତୁତ କରନ୍ତୁ ।




## ପରିବର୍ତ୍ତିତ ଜଳବାୟୁରେ ବର୍ଷାଶ୍ରିତ ଢ଼ିପଜମି ଓ ମରୁଡ଼ି ପ୍ରପୀଡିତ ଅଞ୍ଚଳ ପାଇଁ ଧାନଚାଷ

**ସି.ଆର୍.ଆର୍.ଆଇ ବୈଷୟିକ ଇସ୍ତାହାର-୯୩**

( *Published by:* **Nikra Project** )

©ସମସ୍ତ ସତ୍ତ୍ୱ ସଂରକ୍ଷିତ - କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, ଜୁଲାଇ ୨୦୧୩

ସମ୍ପାଦନ ଏବଂ ପୃଷ୍ଠ ବିନ୍ୟାସ - ବିଶ୍ୱନାଥ ଷଡଙ୍ଗୀ

ଫଟୋ - ପ୍ରକାଶ କର ଏବଂ ଭଗବାନ ବେହେରା

ମୁଦ୍ରଣ-ନିର୍ଦ୍ଦେଶକ, କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ, ଓଡିଶା-୭୫୩ ୦୦୬ ତରଫରୁ ପ୍ରକାଶିତ

# ପରିବର୍ତ୍ତିତ ଜଳବାୟୁରେ ବର୍ଷାଶ୍ରିତ ଢ଼ିପଜମି ଓ ମରୁଡ଼ି ପ୍ରପୀଡିତ ଅଞ୍ଚଳ ପାଇଁ ଧାନଚାଷ

ପଦ୍ମିନୀ ସ୍ୱାଇଁ, ସଙ୍ଗୀତା ମହାନ୍ତି, ପ୍ରତାପ ଭଟ୍ଟାଚାର୍ଯ୍ୟ, ମୀର୍ଜା ଜଇନୁଲ୍ ବେଗ୍ , କ୍ରିଷ୍ଣେନ୍ଦୁ ଚଟ୍ଟୋପାଧ୍ୟାୟ, ଓଁକାର ନାଥ ସିଂହ ଏବଂ ରମଣୀ କୁମାର ସରକାର




ଜଙ୍ଗଲ ନଷ୍ଟ, ସହରୀ କରଣ, କଳକାରଖାନା ଏବଂ ଯନ୍ତ୍ରପାତିର ବହୁଳ ବ୍ୟବହାର ବର୍ତ୍ତମାନ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନର ମୁଖ୍ୟ କାରଣ, ବିଶେଷକରି ଜଳବାୟୁର ଉଷ୍ଣତା ବୃଦ୍ଧି, ଅନିୟମିତ ବୃଷ୍ଟିପାତ ଏବଂ ମୃତ୍ତିକାର ଜଳସ୍ତର ହ୍ରାସ ଆଦି ପରିବର୍ତ୍ତିତ ଜଳବାୟୁରେ ଭାରତୀୟ କୃଷି ପାଇଁ ତିନୋଟି ମୁଖ୍ୟ ସମସ୍ୟା । ଅନିୟମିତ ବୃଷ୍ଟି ଏବଂ ଜଳସ୍ତର ହ୍ରାସ ଯୋଗୁଁ ବର୍ଷାଶ୍ରିତ ଅଞ୍ଚଳର ଧାନଚାଷ ବାଧାପ୍ରାପ୍ତ ହେବା ସହ ଘନଘନ ମରୁଡି ଜନିତ କ୍ଷତିର ଆଶଙ୍କା ଅତ୍ୟଧିକ । ଭାରତର ସମୁଦାୟ ୪୪.୦ ନିୟୁତ ହେକ୍ଟର ଧାନ ଜମିରୁ ୮.୦ ନିୟୁତ ହେକ୍ଟର ଧାନ ଜମି ମରୁଡି ପ୍ରପୀଡିତ ଓ ବର୍ଷାଶ୍ରିତ ଢ଼ିପଜମି । ଏହାକୁ ଆଖିରେ ରଖି କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଏବଂ ଏହାର ଆଞ୍ଚଳିକ ଧାନ ଗବେଷଣା କେନ୍ଦ୍ର, ହଜାରିବାଗ ଦ୍ୱାରା ବର୍ଷାଶ୍ରିତ ଢ଼ିପଜମି ଓ ମରୁଡି ପ୍ରପୀଡିତ ଅଞ୍ଚଳ ପାଇଁ କେତେଗୁଡିଏ ଲୋକପ୍ରିୟ ଓ ଉନ୍ନତମାନର ଧାନ କିସମ ପ୍ରସ୍ତୁତ କରାଯାଇଛି । ସେମାନଙ୍କର ସମନ୍ୱିତ ଚାଷ ପ୍ରଣାଳୀ ସମ୍ୟକ ଭାବରେ ଏଠାରେ ଉପସ୍ଥାପନ କରାଯାଇଛି ।

### ଚାଷ ପ୍ରଣାଳୀ

- ମାର୍ଚ୍ଚ/ଏପ୍ରିଲ ମାସରେ ଜମିକୁ ୨/୩ ଥର ଖରାଟିଆ ଚାଷ କଲେ ଅନାବନା ଘାସକୁ ନିୟନ୍ତ୍ରଣ କରିବା ସହଜ ହୁଏ ଏବଂ ମାଟିର ଜଳଧାରଣ ଶକ୍ତି ବଢ଼ିଥାଏ ।
- ଜୁନ୍ ମାସର ମଧ୍ୟଭାଗରେ (ମୌସୁମୀ ବର୍ଷା ଆରମ୍ଭ ହେବା ପରେ ପରେ) ବିହନ ବୁଣିବା ଉଚିତ୍ । ଡେରିରେ ବୁଣିଲେ ଅମଳ ପୂର୍ବରୁ ମରୁଡିର ସମ୍ମୁଖୀନ ହେବାର ସମ୍ଭାବନା ଥାଏ ।
- ଧାଡିବୁଣା ଯନ୍ତ୍ର ସାହାଯ୍ୟରେ କିମ୍ବା ଲଙ୍ଗଳ ପଛରେ ହେକ୍ଟର ପ୍ରତି ୮୦ କି.ଗ୍ରା. (ଏକର ପ୍ରତି ୩୨ କି.ଗ୍ରା.) ବିହନ ୨୦ ସେ.ମି. ବ୍ୟବଧାନ ରଖି ଧାଡ଼ିରେ ବୁଣିଲେ ଗଛ ଭଲ ଭାବରେ ବଢ଼ିବା ସଙ୍ଗେ ସଙ୍ଗେ ଅନାବନା ଘାସ ସଂଖ୍ୟା କମ ହୋଇ ଧାନ ଉତ୍ପାଦନ ବଢ଼ିଥାଏ ।
- ବିହନକୁ ୫ ସେ.ମି.ରୁ ଅଧିକ ଗଭୀରରେ ବୁଣିବା ଅନୁଚିତ ।
- ଧାଡ଼ିରେ ବୁଣିଲେ ଅଙ୍ଗୁଳିବିଦା ବ୍ୟବହାର କରି ଘାସ ବାଛିବା ସହଜ ହୁଏ ଏବଂ ଅନ୍ୟାନ୍ୟ ଅନ୍ତଃଚାଷ କରିବା ସୁବିଧାଜନକ ହୁଏ ।

### ବିହନ/କିସମ

- ବର୍ଷାଶ୍ରିତ ଢ଼ିପଜମିରେ ଚାଷ କରାଯାଉଥିବା କିସମ ଗୁଡିକ ସହଳ (୭୦-୧୧୦ଦିନ ବିଶିଷ୍ଟ) ହେବା ଆବଶ୍ୟକ ।
- ଏହି କିସମଗୁଡିକରେ ସାଧାରଣତଃ ଶୀଘ୍ର ବଢ଼ିବା ସଙ୍ଗେ ସଙ୍ଗେ ମରୁଡିସହଣୀ ଶକ୍ତି, ଅନାବନା ଘାସ ପ୍ରତିଯୋଗୀ, ମୁଖ୍ୟ ରୋଗ ପୋକ ଇତ୍ୟାଦିରୁ ରକ୍ଷା ପାଇବା କ୍ଷମତା ଥାଏ ।







- ପ୍ରାମାଣିକ ବିହନ ବୁଣି ପାରିଲେ ଭଲ, ନଚେତ୍ ନିଜେ ସାଇତି ରଖିଥିବା ବିହନକୁ ଲୁଣ ପାଣିରେ (୬୦୦ ଗ୍ରାମ ଲୁଣକୁ ୧୦ ଲି. ପାଣିରେ) ବୁଡ଼ାଇଲେ ସେଥିରୁ ଅନାବନା ଘାସ ମଞ୍ଜି ତଥା ଅଗାଡ଼ି ଅଲଗା ହୋଇଯାଏ । ତାପରେ ବିହନକୁ ଛାଇରେ ଶୁଖାଇ ବୁଣିଲେ ଭଲ ଗଛ ହୁଏ ।







- ବର୍ଷାଶ୍ରିତ ଡ଼ିପଜମି ଓ ମରୁଡି ପ୍ରପୀଡିତ ଅଞ୍ଚଳପାଇଁ ପ୍ରସ୍ତୁତ କରାଯାଇଥିବା ଉନ୍ନତ ମାନର (ଏକର ପ୍ରତି ୧୨ ରୁ ୧୫ କ୍ୱିଣ୍ଟାଲ ଉତ୍ପାଦାନ କ୍ଷମତା ଥିବା) ଧାନ କିସମ ଗୁଡିକ ହେଲା-ବନ୍ଦନା, ସହଭାଗୀ ଧାନ, ଅଞ୍ଜଳୀ, କଳିଙ୍ଗ-୩, ବୀରେନ୍ଦ୍ର, ଅନ୍ନଦା, ପ୍ୟାରୀ, ସତ୍ୟଭାମା, ଏନ.ଡି.ଆର.-୯୭, ହୀରା, ଧଳାହୀରା ଇତ୍ୟାଦି ।
- ଏଥିମଧ୍ୟରୁ ଅନାବନା ଘାସ ସହ ପ୍ରତିଯୋଗିତା କରି ବଢୁଥିବା ଏବଂ ମରୁଡ଼ି ସହଣୀ ଶକ୍ତି ଥିବା କିସମ 'ବନ୍ଦନା' ଏବଂ 'ସହଭାଗୀ ଧାନ' ବହୁଳ ଲୋକପ୍ରିୟ ।

## ସାର ପରିଚାଳନା

- ଧାନ ବୁଣିବା ପୂର୍ବରୁ ଏକର ପ୍ରତି ୫/୧୦ ଗାଡ଼ି ଗୋବର ଖତ କିମ୍ବା କମ୍ପୋଷ୍ଟ ପକାଇ ଶେଷ ଓଡ଼ ଚାଷ କରିବା ସମୟରେ ମିଶାଇଦେବାକୁ ହୁଏ । ତା'ପରେ ଧାନ ବୁଣିବା ଠିକ୍ ପୂର୍ବରୁ ଏକର ପ୍ରତି ୮ କି.ଗ୍ରା. ଫସ୍‌ଫେଟ୍ ଓ ୮ କି.ଗ୍ରା. ପଟାସ୍ ସାର ପକାଇ ମଇ ଦେଇ ଜମିରେ ସାର ମିଶାଇବା ପରେ ଧାନ ବୁଣାଯାଏ ।
- ଫସଫସିଆ ଜମିରେ ପଟାସ ସାରକୁ ୨ କିସ୍ତିରେ (୬ କି.ଗ୍ରା ଏକର ପ୍ରତି ମୂଳସାର ଏବଂ ୨ କି.ଗ୍ରା. ଏକର ପ୍ରତି ଧାନର ଗର୍ଭାବସ୍ଥାରେ) ପ୍ରୟୋଗ କଲେ ଭଲ ଅମଳ ମିଳିଥାଏ ।
- ଯବକ୍ଷାରଜାନ ସାରକୁ ୩ ଦଫାରେ ଦିଆଯିବା ଉଚିତ୍ । ଧାନ ଗଜା ହେବାର ୧୫-୨୦ ଦିନପରେ ପ୍ରଥମ ଦଫା ଏକର ପ୍ରତି ୮ କି.ଗ୍ରା, ତା'ପର ୧୫-୨୦ ଦିନପରେ ପିଲସାର ଏକର ପ୍ରତି୪ କି.ଗ୍ରା. ଏବଂ ଧାନର ଗର୍ଭାବସ୍ଥାରେ ଏକର ପ୍ରତି ଆଉ ୪ କି.ଗ୍ରା ପ୍ରୟୋଗ କରିବା ଉଚିତ ।
- ପ୍ରତିଥର ସାର ଦେବା ପୂର୍ବରୁ ଜମିରୁ ଘାସ ବାଛି ଜମିବତର ଥିବା ସମୟରେ ସାର ପ୍ରୟୋଗ କରିବାକୁ ଧ୍ୟାନ ଦେବା ଆବଶ୍ୟକ ।

## ଘାସ ନିୟନ୍ତ୍ରଣ

- ଧାନ ବୁଣି ଗଜା ହେବାର ୧୦-୧୨ ଦିନ ପରେ ନୋମିନି ଗୋଲ୍ଡ (Nominee gold)ଏକର ପ୍ରତି ୧୩୦ ମି.ଲି. ହିସାବରେ ୨୦୦ ଲିଟର ପାଣିରେ ମିଶାଇ ଜମି ଓଦା ଥିବା ସମୟ ରେ ପ୍ରୟୋଗ କଲେ ଫସଲର ପ୍ରଥମାବସ୍ଥାରେ ଉଠୁଥିବା ଅନାବନା ଘାସକୁ ନିୟନ୍ତ୍ରଣ କରାଯାଇ ପାରିବ ।



- ପରଅବସ୍ଥାରେ (ଗଜା ହେବାର ୧୫-୨୦ ଦିନ ପରେ) ଉଠୁଥିବା ଅନାବନା ଘାସକୁ ରାଇସ ଷ୍ଟାର (Rice star) ଏକର ପ୍ରତି ୩୫୦ ମି.ଲି. ହିସାବରେ ୨୦୦ ଲି. ପାଣିରେ ମିଶାଇ ପ୍ରୟୋଗ କଲେ କିମ୍ବା ଅଙ୍ଗୁଳିବିଦା ସାହାଯ୍ୟରେ ଏବଂ ପରେ ଆଉଥରେ ହାତରେ ବୁଦା ମଝିରେ ଥିବା ଘାସ ବାଛିଦେଲେ ଭଲ ଅମଳ ମିଳିବ ।

## ରୋଗପୋକ ନିୟନ୍ତ୍ରଣ

- ସମନ୍ୱିତ ପ୍ରଣାଳୀରେ ଆବଶ୍ୟକ ପରିମାଣରେ କୀଟନାଶକ ବା କବକନାଶକ ଔଷଧ ସିଞ୍ଚନ କରାଯିବା ଉଚିତ୍ ।
- ୧ କି.ଗ୍ରା. ବିହନକୁ ୩୭.୫ ମି.ଲି. କ୍ଲୋରୋପାଇରିଫସ୍ କିମ୍ବା ୨.୫ ମି.ଲି. ଇମିଡାକ୍ଲୋପ୍ରିଡ୍ ରେ ବିଶୋଧନ କରି ବୁଣିଲେ ଏହାକୁ ଉଇ ଆକ୍ରମଣରୁ ରକ୍ଷା କରାଯାଇପାରିବ ।
- ଧାନ କେଣ୍ଡାରେ କ୍ଷୀର ଢ଼ୋକିଲା ବେଳେ ଏକ ବର୍ଗ ମି. ରେ ୨ ରୁ ୩ ଟି ଗନ୍ଧିପୋକ ଦେଖାଗଲେ ସକାଳେ କିମ୍ବା ସନ୍ଧ୍ୟାରେ ମାଲାଥିଅନ୍ ଗୁଣ୍ଡ ଏକର ପ୍ରତି ୧୦ କି.ଗ୍ରା. ହିସାବରେ ଡଷ୍ଟର ସାହାଯ୍ୟରେ ବିଞ୍ଚିଲେ କିମ୍ବା ଇଥୋଫେନ୍‌ପ୍ରକ୍ସ ୧ ମି.ଲି. କୁ ୧ ଲି. ପାଣିରେ ଗୋଳାଇ ପତ୍ର ସିଞ୍ଚନ କଲେ ଏହି ପୋକକୁ ନିୟନ୍ତ୍ରଣ କରାଯାଇପାରିବ ।
- ରୋଗ ଆକ୍ରମଣ ସମ୍ଭାବନା ଥିବା ସ୍ଥାନରେ ବିହନ ବୁଣିବା ପୂର୍ବରୁ ୧କି.ଗ୍ରା. ବିହନକୁ ୨.୦ ଗ୍ରାମ୍ ବାଭିଷ୍ଟିନ୍ ରେ ବିଶୋଧନ କରିବା ଉଚିତ ।
- ପତ୍ରଚିତ୍ତା (Brown spot) ରୋଗରୁ ରକ୍ଷା କରିବା ପାଇଁ ୮ ରୁ ୧୦ ପ୍ରତିଶତ ଗଛରେ ରୋଗ ଆକ୍ରମଣ ଦେଖାଗଲେ ଡିଥେନ୍ ଏମ୍ ୪୫(ମାନ୍‌କୋଜେବ୍) କିମ୍ବା ଟିଲ୍ଟ ଏକ ଲିଟର ପାଣିରେ ୧.୫ ମି.ଲି. ହିସାବରେ ମିଶାଇ ସିଞ୍ଚନ କରିବା ଉଚିତ ।
- ୮ ରୁ ୧୦ ପ୍ରତିଶତ ଗଛରେ ମହିଷାରୋଗ (Blast) ଦେଖାଗଲେ ହିନୋସାନ୍ (ଏଡିଫେନ୍ ଫସ୍) କିମ୍ବା ବାଭିଷ୍ଟିନ୍ କୁ ୨ ମି.ଲି./ ୨ଗ୍ରାମ ହିସାବରେ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରିବା ଉଚିତ ।

## ଅପ୍ରତ୍ୟାଶିତ ମରୁଡି ପାଇଁ ପ୍ରତିକାର ଯୋଜନା



ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଅନିୟମିତ ବୃଷ୍ଟିପାତ ଯୋଗୁ ଧାନ ଫସଲରେ ବିଭିନ୍ନ ସମୟରେ ବର୍ଷା ଅଭାବରୁ ମରୁଡି ଦେଖାଯିବାର ସମ୍ଭାବନା ଥାଏ । ଏଭଳି ମରୁଡି ସାଧାରଣତଃ ତିନୋଟି ଅବସ୍ଥାରେ ଯଥା ମଞ୍ଜି ବୁଣିବା ଠାରୁ ଗଛ ପିଲ ଦେବା ସମୟ ମଧ୍ୟରେ, ଥୋଡ ବାହାରିବା/ଫୁଲ ଉଡାଇବା ସମୟରେ, ଧାନ ପାଚିବା ସମୟରେ ହୋଇଥାଏ ଯଦ୍ୱାରା ବିଭିନ୍ନ ଅନୁପାତର ଫସଲ ହାନି ଘଟେ । ଏଭଳି ଅପ୍ରତ୍ୟାଶିତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ କେତେଗୁଡ଼ିଏ ଯୋଜନା କରାଯାଇଛି ।

## Early Drought (ମଞ୍ଜି ବୁଣିବା ଠାରୁ ଗଛ ପିଲ ଦେବା ସମୟ ମଧ୍ୟରେ)

ଯଦି ଜୁନ୍ ଏବଂ ଜୁଲାଇ ମାସରେ ମୌସୁମୀ ବର୍ଷା ୨/୩ ସପ୍ତାହ ଡେରି ହେଲା, ଧାନବୁଣା କାର୍ଯ୍ୟ ହୋଇପାରେ ନାହିଁ କିମ୍ବା ବୁଣାହୋଇଥିବା ଧାନରେ ଗଜା ମରୁଡି ହୋଇଥାଏ ।

- ସହଳ କିସମ ଧାନ ଯଥା: ସହଭାଗୀ ଧାନ, ନବୀନ, ଶତାବ୍ଦୀ, ଲଲାଟ, ଅନ୍ନଦା, ଚନ୍ଦନ ଇତ୍ୟାଦି ତଳି ପକାଇ, ୧୫ ଦିନର ତଳିକୁ ସେପ୍ଟେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ରୋଇ ଦିଅନ୍ତୁ ।
- ଯଦି ଅଗଷ୍ଟ ଶେଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ, ତେବେ ଅତି ସହଳ କିସମ ଧାନ ଯଥା : ବନ୍ଦନା, କଳିଙ୍ଗ-୩, ଅଞ୍ଜଳି, ସହଭାଗୀ ଧାନ, ଖଣ୍ଡଗିରି, ପାରିଜାତ, ନରେନ୍ଦ୍ର ୯୭ ଇତ୍ୟାଦି ଉଚ୍ଚ ଖାଲୁଆ ଜମିରେ ଛଟାବୁଣା ବା ଧାଡିବୁଣା କରନ୍ତୁ ।



- ଫସଫରସ ଏବଂ ପଟାସ ସାର ୮ କି.ଗ୍ରା. ଏକର ପ୍ରତି ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଯବକ୍ଷାରଜାନ ସାରକୁ ଏକର ପ୍ରତି ୮ କି.ଗ୍ରା. ହିସାବରେ ୭ ରୁ ୧୫ ଦିନ ବୁଣା ହେବା ପରେ ପ୍ରଥମ କିସ୍ତି ଏବଂ ଧାନର ଗର୍ଭାବସ୍ଥାରେ ଦ୍ୱିତୀୟ କିସ୍ତି ପ୍ରୟୋଗ କରନ୍ତୁ ।
- ଅନାବନା ଘାସ ନିୟନ୍ତ୍ରଣ ପାଇଁ ଘାସ ଉଠିବା ପରେ ପରେ ରସାୟନିକ ଔଷଧ ପୂର୍ବ ସୂଚନା ଅନୁଯାୟୀ ପ୍ରୟୋଗ କରନ୍ତୁ ।
- ଜମିର ହିଡକୁ ମଜବୁତ କରନ୍ତୁ ଯେମିତି ପାଣି ମାଟି ତଳୁ ଅନ୍ୟ କିଆରୀକୁ ନିଗିଡି ନ ଯାଇ ଜମିରେ ରହିବ ଏବଂ ଜମିକୁ ଘାସ ମୁକ୍ତ ରଖିବ ।
- ଡେରିରେ ଚାଷ ହୋଇଥିବା ଯୋଗୁ ରୋଗ ପୋକରୁ ରକ୍ଷା ପାଇବା ପାଇଁ ୧୫-୨୦ ଦିନ ତଳି ରୋଇବାପରେ ଔଷଧ ଇମିଡାକ୍ଲୋପ୍ରିଡ ୦.୫ ମି.ଲି. କିମ୍ବା ଇଥୋଫେନପ୍ରକ୍ସ ୧ ମି.ଲି. ପତ୍ରସିଞ୍ଚା କରନ୍ତୁ ।
- ଧାନ କ୍ଷୀର ଢ଼ୋକିଲା ବେଳେ ଗନ୍ଧିପୋକ ଲାଗିଲେ ସକାଳେ କିମ୍ବା ସନ୍ଧ୍ୟାରେ ମାଲାଥିଅନ୍ ଗୁଣ୍ଡ ଏକର ପ୍ରତି ୧୦ କି.ଗ୍ରା. ହିସାବରେ ଡଷ୍ଟର ସାହାଯ୍ୟରେ ବିଞ୍ଚିଲେ କିମ୍ବା ଇଥୋଫେନ୍‌ପ୍ରକ୍ସ ୧ ମି.ଲି.କୁ ୧ ଲି. ପାଣିରେ ଗୋଳାଇ ପତ୍ର ସିଞ୍ଚନ କରି ଏହି ପୋକକୁ ନିୟନ୍ତ୍ରଣ କରନ୍ତୁ ।
- ଅତି ଡ଼ିପ ଜମିରେ ଯଦି ଧାନ ଗଛ ନଷ୍ଟ ହୋଇଯାଇଥିବ କିମ୍ବା ଧାନବୁଣା ହୋଇ ନଥିବ, ସେଠାରେ ଅଳ୍ପପାଣି ଆବଶ୍ୟକ କରୁଥିବା ସହଳ କିସମ ଫସଲ ଯଥା: ମକା, ଝୁଡଙ୍ଗ, ବିରି, ମୁଗ, ରାଶି, କୋଳଥ ଇତ୍ୟାଦି ଲଗାନ୍ତୁ ।